**୨୫ ପର୍ଯ୍ୟନ୍ତ ପରିବହନରେ ରହିତାଦେଶ**

ପାରାଦୀପ, (ସ୍ୱ.ପ୍ର.): ପିପିଏଲରୁ ନିର୍ଗୁଣ୍ଡି ଯାଏ ପରିବହନ ହେଉଥିବା ଜିପସମ୍ ବିବାଦ କୋର୍ଟରେ ପହଞ୍ଚିବା ପରେ ୨୫ ପର୍ଯ୍ୟନ୍ତ ପରିବହନ ଉପରେ ରହିତାଦେଶ ଜାରି କରାଯାଇଛି। ସୂଚନାଯୋଗ୍ୟ, ପିପିଏଲର ଜିପସମ୍‌କୁ ନିର୍ଗୁଣ୍ଡି ଯାଏ ନେବାପାଇଁ ଏସକେ ସର୍ଭିସେସ ଟେଣ୍ଡର ପାଇଥିଲା। ବାର୍ଷିକ୧.୫୦ଲକ୍ଷ ଟନ୍ ଜିପସମ୍ ନେବା ପାଇଁ ଚୁକ୍ତି ହୋଇଥିଲା। ଏସକେ ସର୍ଭିସେସ ମାଲ ପରିବହନ ପାଇଁ ଫୋର୍ ଟି (ଟ୍ରକ, ଟିପଲର, ଟିପ୍ପର, ଟ୍ରେଲର)ସଂଘର ସହାୟତା ନେଇଥିଲା। ମାତ୍ର ଏସକେ ସର୍ଭିସେସ ଓ ଫୋର୍ ଟିମଧରେ ଆର୍ଥିକ କାରବାରଠାରୁ ଆରମ୍ଭ କରି ଏକାଧିକ ଘଟଣା ଉପରେ ବିବାଦ ସୃଷ୍ଟି ହୋଇଥିଲା।



## ସଂକ୍ଷେପରେ

### ମେଜର ପୋର୍ଟ ଅଥରିଟି ବିଲ୍‌କୁ ବିରୋଧ: ୨୬ରେ ଧର୍ମଘଟ

ପାରାଦୀପ,୧୨।୧୧(ସ୍ୱ.ପ୍ର.)
କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ମେଜର ପୋର୍ଟ ଅଥରିଟି ବିଲ୍ ୨୦୧୬କୁ ବିରୋଧ କରି ପୁଣି ଥରେ ଦେଶର କେନ୍ଦ୍ରୀୟ ସଂଗଠନ ଓ ୫ ଟି ବୃହତ ବନ୍ଦର ମହାସଂଘ ନଭେମ୍ବର ୨୬ରେ ଧର୍ମଘଟ ଡାକରା ଦେଇଛି। ଏନେଇ ପାରାଦୀପରେ ଥିବା ସମସ୍ତ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଗୁରୁବାର ମିଳିତ ଭାବେ ଏକ ଦାବିପତ୍ର ବନ୍ଦର ପ୍ରଶାସନ ଜରିଆରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, କେନ୍ଦ୍ର ସରକାର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପରିବର୍ତ୍ତନ କରିବା ପରେ ଏବେ ମେଜର ପୋର୍ଟ ଆଇନକୁ ବଦଳାଇ ମେଜର ପୋର୍ଟ ଅଥରିଟି ବିଲ୍ କରିବାକୁ ଯାଉଛନ୍ତି। ତୁରନ୍ତ ଏହି ବିଲ୍‌କୁ ସରକାର ବାତିଲ କରିବାକୁ ୧୨ ସଂଘ ପକ୍ଷରୁ ଦାବି କରାଯାଇଛି।

### ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ

ବିଞ୍ଝାରପୁର,୧୨।୧୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ସମଲପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ବଟକୃଷ୍ଣ ମଲ୍ଲିକଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଂହପୁରଠାରେ ବିଶିଷ୍ଟ ସାମାଜିକ କର୍ମୀ ତଥା ସ୍ମୃତି କମିଟି ସଭାପତି ନିରଞ୍ଜନ ବେଉରିଆଙ୍କ ଦ୍ୱାରା ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷାବିତ୍ ଅଚ୍ୟୁତାନନ୍ଦ ସାମଲ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଭାଜପା ଜିଲା ସଭାପତି ଗୌତମ ରାୟ, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଭାଜପା ଜିଲା ସଂଯୋଜକ ସାରଦା ପ୍ରସାଦ ଶତପଥୀ, କଂଗ୍ରେସ ନେତା ଗୋବିନ୍ଦ ପରିଡା, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନା, ଭାଜପା ନେତ୍ରୀ ବବିତା ମଲ୍ଲିକ ପ୍ରମୁଖ ଯୋଗଦେଇ ବଟକୃଷ୍ଣ ଜଣେ ଆଦର୍ଶ ଶିକ୍ଷକ, ସୁସାହିତ୍ୟିକ, ନାଟ୍ୟକାର, ସ୍ପଷ୍ଟବାଦୀ, କଳାପ୍ରେମୀ, ସମୟାନୁବର୍ତ୍ତିତା ଓ ପରୋପକାରୀ ବ୍ୟକ୍ତିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରରମ୍ଭରେ ମଲ୍ଲିକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ 'କର୍ମେ ଜୀଏଁ ନର' ନାମକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସଭାରେ ଅବସରପ୍ରାପ୍ତ ଶିକ୍ଷକ ବିଜୟ ନାୟକ, ଦୁର୍ଯ୍ୟୋଧନ ସାମଲ, କୃଷ୍ଣଚନ୍ଦ୍ର ଥାଟୋଇ, ମେଘନାଦ ମହାଲିକ, ସୁବଳ ଚରଣ ରାଉତ, ଜଗନ୍ନାଥ ସାହିତ୍ୟ ସଂସ୍କୃତିର ସମ୍ପାଦକ ପ୍ରଦୀପ କୁମାର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

ଧର୍ମଶାଳା, ୧୨।୧୧(ଡି.ଏନ.ଏ.): ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ବୁଧବାର ଧର୍ମଶାଳା ବ୍ଲକ ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଜିଲାପାଳ ଧର୍ମଶାଳା ବ୍ଲକରେ ପହଞ୍ଚିବା ପରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସହିତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ, କୋଟପୁର ଡାକ୍ତରଖାନା, ବୌଦ୍ଧ କୀର୍ତ୍ତିରାଜି ସମ୍ପନ୍ନ ଲାଙ୍ଗୁଡି, ନେଉଳପୁର, ଦେଉଳି ପାହାଡ, କଣ୍ଟିଗଡିଆସ୍ଥିତ ବଡ ପୋଖରୀ, ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ଓ ଶିଶୁ ଉଦ୍ୟାନ ବୁଲି ଦେଖିଥିଲେ। ନୂତନ ଭାବେ ଯୋଗଦାନ ପରେ ଜିଲାପାଳ ଏହିସବୁ ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ସେ ଏ ନେଇ ବ୍ଲକ ପରିସରରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ତହସିଲଦାର ଓ ଏବିଡିଓ ଅସୀତ କୁମାର ପାତ୍ର ଉପସ୍ଥିତ ଥିଲେ।

### ଶାଳଝରିଆ ଅଞ୍ଚଳରେ ଅବାଧ ନିଶା କାରବାର

ଖଣ୍ଡପଡ଼ା,୧୨।୧୧(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ଶାଳଝରିଆ ପଞ୍ଚାୟତର ଜିଲ୍ଲିପଡା, ହରିହରପ୍ରସାଦ ଓ ବରପଲ୍ଲୀ ଅଞ୍ଚଳରେ ନିଶାଦ୍ରବ୍ୟର ଅବାଧ ବିକ୍ରି ସାଙ୍ଗକୁ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ହେଉଥିବାବେଳେ ପାନ ଦୋକାନରେ ଗଞ୍ଜେଇ ଭର୍ତ୍ତି ସିଗାରେଟ ବିକ୍ରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅଧିକାଂଶ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଖଣ୍ଡପଡ଼ା ଥାନା ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସମସ୍ୟାରେ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ରସୁଲପୁର,୧୨।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଅଧୀନରେ ପରିଚାଳିତ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)ରେ ନାନା ସମସ୍ୟା ଲାଗିରହିଛି। ହେଲେ ପ୍ରଶାସନିକ ଦୃଷ୍ଟି ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଦିଗରେ ସୁଧାର ଆଣିବା ପାଇଁ ରୋଗୀ କଲ୍ୟାଣ ସମିତିର ଅଧକ୍ଷ ତଥା ଜିଲା ପରିଷଦ ସଭ୍ୟ ଚତୁର୍ଭୁଜ ଦ୍ୱିବେଦୀ ପ୍ରଶାସନ ନିକଟରେ ଦାବି ଉପସ୍ଥାପନା କରିଛନ୍ତି।

ଏହି ଡାକ୍ତରଖାନା ଉପରେ ବନ୍ଧଡ଼ିହ, ବ୍ରହ୍ମବରଦା, ମହେଶ୍ୱରପୁର, ଝାଲପଡ଼ା, ମଙ୍ଗଳରାଜପୁର ଆଦି ପଞ୍ଚାୟତର ପ୍ରାୟ ୩୦ ହଜାର ଲୋକ ନିର୍ଭର କରିଥାନ୍ତି। ପ୍ରତ୍ୟହ ପ୍ରାୟ ୨୦୦ ରୋଗୀ ଏହି ଡାକ୍ତରଖାନାକୁ ଆସିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଅଭାବ ଯୋଗୁ ବହିର୍ବିଭାଗ ରୋଗୀ ଚିକିତ୍ସା ପ୍ରକୋଷ୍ଠଟି ଏବେ ବି ଆଜବେଷ୍ଟସ୍ ତଳେ ଚାଲିଛି। ବିଭିନ୍ନ ସ୍ଥାନରେ ଆଜବେଷ୍ଟସ ଦୁର୍ବଳ ହୋଇପଡିଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଡାକ୍ତରଖାନା ପରିସରରେ ଥିବା ଶୌଚାଳୟ ଓ ଅଳିଆ ଆବର୍ଜନା କୁଣ୍ଡକୁ ଠିକ୍ ଭାବରେ ପରିଚାଳନା କରାଯାଉ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିକରୁଛି। ଡାକ୍ତରଖାନା ପରିସରରେ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଦୁଇଟି କୋଠା ନିର୍ମାଣ କାର୍ଯ୍ୟ ସରିଛି। ମାତ୍ର ଉକ୍ତ ଗୃହକୁ ଡାକ୍ତରଖାନାକୁ ହସ୍ତାନ୍ତର କରାଯାଇ ନାହିଁ। ଡାକ୍ତରଖାନାର ସୀମାକୁ ନେଇ ବିବାଦ ରହିଥିବାରୁ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ହୋଇ ପାରୁନାହିଁ। ଡାକ୍ତର ନିୟମିତ ଆସୁ ନ ଥିବାରୁ ରୋଗୀ ସେବାରେ ବ୍ୟାଘାତ ଘଟୁଛି। ରୋଗୀଙ୍କ ପାଇଁ ଆସୁଥିବା ସରକାରୀ ଔଷଧର ସୁଷମ ବଣ୍ଟନ କରାଯାଉ ନାହିଁ। ଡାକ୍ତରଖାନା ସମସ୍ୟା ସମାଧାନ ପାଇଁ ରୋଗୀ କଲ୍ୟାଣ ସମିତି ଗଠନ କରାଯାଇଛି। ମାତ୍ର ୩ବର୍ଷ ହେଲାଣି ଥରୁଟିଏ ଏହି ସମିତି ବୈଠକ ବସିନାହିଁ। ଏହାର ସଦସ୍ୟ ଥିବା ରସୁଲପୁର ବିଡିଓ, ବିଭାଗୀୟ ଯନ୍ତ୍ରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ ଏହା କାର୍ଯ୍ୟକାରୀ ହେଉନାହିଁ ବୋଲି କୁହାଯାଉଛି। ନାନା ସମସ୍ୟା ଭିତରେ ଛନ୍ଦି ହୋଇପଡିଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଧାର ଆଣିବା ସକାଶେ ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ବିଶ୍ୱରଞ୍ଜନ କର ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ସେମାନଙ୍କୁ ନେଇ ଏକ ପ୍ରତିନିଧି ଦଳ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ପରଖି ଫେରିଛନ୍ତି। ଆଗାମୀ ଦିନରେ ରୋଗୀକଲ୍ୟାଣ ସମିତି ବୈଠକ ନିୟମିତ ବସିବା, ଉନ୍ନୟନ କାର୍ଯ୍ୟର ଠିକ୍ ପରିଚାଳନା, ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା, ଡାକ୍ତରଖାନାର ସୀମା ନିର୍ଦ୍ଧାରଣ, ନୂତନ ଗୃହ ହସ୍ତାନ୍ତରୀକରଣ ଆଦି କାର୍ଯ୍ୟ ତୁରନ୍ତ କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ମତପ୍ରକାଶ କରିଛନ୍ତି। ତେବେ ଏହା କେବେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ଅପେକ୍ଷା।


ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

# ବିଧାୟିକାଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା


ବିଧାୟିକା ଆବାସ ଗୃହ ଶୀଘ୍ର ଶେଷ କରିବାକୁ ହିତାଧିକାରୀଙ୍କୁ ପରାମର୍ଶ ଦେବାକୁ ଯାଉଛନ୍ତି।

ବରୀ,୧୨।୧୧(ଡି.ଏନ.ଏ.):

ବରୀ ବିଧାୟିକା ସୁନନ୍ଦା ଦାସ ଗୁରୁବାର ନିର୍ବାଚନମଣ୍ଡଳୀ ଅଧୀନ ମଧୁସୂଦନପୁର ଓ ଅଙ୍ଗାଳୋ ପଞ୍ଚାୟତଗସ୍ତ କରିଛନ୍ତି। ଏହି ସମୟରେ ସେ ମଧୁସୂଦନପୁର ପଞ୍ଚାୟତର ସୁନ୍ଦରପୁରଠାରେ ଏକ ପାନୀୟଜଳ ପ୍ରକଳ୍ପର ଭୂମିପୂଜା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ବିଧାୟିକା ଦାସ ଅଙ୍ଗାଳୋ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ ସ୍ୱାଇଁ, ମଧୁସୂଦନପୁର ସରପଞ୍ଚ ଆଦରମଣୀ ସାମଲ, ଅଙ୍ଗାଳୋ ସରପଞ୍ଚ ହର୍ଷବର୍ଦ୍ଧନ ସାମଲ, ସମିତିସଭ୍ୟା ମମତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଧାୟିକା ଦୁଇ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଧାର୍ଯ୍ୟ ସମୟରେ ଗୃହ କାର୍ଯ୍ୟ ଶେଷ କରି ନ ଥିବା ହିତାଧିକାରୀଙ୍କ ଘରକୁ ଯାଇ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଦୁଇ ପଞ୍ଚାୟତ ଭୌଗୋଳିକ ଦୃଷ୍ଟି କୋଣରୁ ବରୀ ବ୍ଲକ୍‌ର ଏକ ବିଚ୍ଛିନ୍ନ ଅଞ୍ଚଳ ହୋଇଥିବାରୁ ଏଠାରେ ଉନ୍ନୟନମୂଳକ କାର୍ଯ୍ୟ କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଡିଓ ଶିବାନନ୍ଦ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଦୁଇ ପଞ୍ଚାୟତରେ ଯଦି କୌଣସି କାର୍ଯ୍ୟରେ ସରକାରୀସ୍ତରରେ ତ୍ରୁଟି ହେବାର କେହି ଅନୁଭବ କରନ୍ତି ସେ କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବ ବୋଲି ବିଧାୟିକା ସମୀକ୍ଷା ବୈଠକରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଜମିରେ ମଞ୍ଚା ବାନ୍ଧି ଜଗୁଛନ୍ତି ଚାଷୀ


ଜମିରେ ମଞ୍ଚା କରାଯାଇଛି।

**ଧାନ ଫସଲ ନଷ୍ଟ କରୁଛନ୍ତି ବାର୍ହା**

ମହାକାଳପଡା,୧୨।୧୧ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଗହୀରମଥା ସଂଲଗ୍ନ ଗ୍ରାମଗୁଡିକରେ ବାର୍ହା ଉପଦ୍ରବ ଦେଖିବାକୁ ମିଳୁଛି। ବାର୍ହା ପଲ ମୁହଁ ଅନ୍ଧାର ହେଲା ପରେ ଜମିରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ଫସଲକୁ ବାର୍ହା କବଳରୁ ରକ୍ଷା କରିବାକୁ ଯାଇ ଚାଷୀମାନେ ଧାନ ଜମିରେ ମଞ୍ଚା ବାନ୍ଧି ରାତି ଉଜାଗର ହୋଇ ଜଗି ବସୁଛନ୍ତି। ବିଭିନ୍ନ ସମୟରେ ବାର୍ହା ଆକ୍ରମଣରେ ଲୋକେ ଗୁରୁତର ଆହତ ହେଉଛନ୍ତି। ଗତବର୍ଷ ଜଣେ ମହିଳାଙ୍କ ବାର୍ହା ଆକ୍ରମଣରେ ମୃତ୍ୟୁ ଘଟିଥିଲା।

ବ୍ଲକର ରଟଫଳ, ନରସିଂହପୁର, ଭୋପାଳ, ପାଣିଖିଆ, କାଇତଳା, ତନ୍ତିଆପାଳ, କଳତୁଙ୍ଗା, ଶାସନପୋଟା, ଓସ୍ତିରା ପ୍ରଭୃତି ଗ୍ରାମର ଚାଷ ଜମିରେ ବାର୍ହା ରାତିରେ ପଶି ଧାନ ଖାଇବା ସହ ଚକଟି ଦେଉଛନ୍ତି। ଚାଷୀଙ୍କ କହିବା ଅନୁସାରେ, ସନ୍ଧ୍ୟା ହେବା ପରେ ନିକଟସ୍ଥ ତଣ୍ଡାକୁଳ ଝାଉଁ ଜଙ୍ଗଲରୁ ପଲ ପଲ ବାର୍ହା ଆସି ଧାନ କିଆରିରେ ପଶି ଏକର ଏକର ଫସଲ ନଷ୍ଟ କରୁଛନ୍ତି। ଏ ନେଇ ବନବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ବି କୌଣସି ସୁଫଳ ମିଳୁନି। ଫସଲ ରକ୍ଷା କରିବାକୁ ଯାଇ ଚାଷୀମାନେ ଚାଷଜମି ମଝିରେ ମଞ୍ଚା ବାନ୍ଧି ତା' ଉପରେ ରାତିରେ ଜଗୁଛନ୍ତି। ବାର୍ହା ପଲ ଦେଖିବା ମାତ୍ରେ ନିଆଁ ହୁଳା ଜଳାଇ, ଟିଣ ବାଡେଇବା ସହ ବାଣ ଫୁଟାଇ ସେମାନଙ୍କୁ ଘଉଡାଉଛନ୍ତି। ନରସିଂହପୁର ଗ୍ରାମର ଚାଷୀ ପ୍ରଫୁଲ୍ଲ ସେଠୀ, କାଳିପଦ ମଣ୍ଡଳ, ରୁନୁ ଜେନା, ପାଣିଖିଆ ଗ୍ରାମର ଭଗବାନ ଟୁଡୁ, ଜୟରାମ ମଣ୍ଡଳ, ବାବୁ ନାୟକ, ପାଗଳା ପରିଡା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗହୀରମଥାର ବନ ଅଧିକାରୀ ଦେବାଶିଷ ଭୋଇଙ୍କୁ ପଚାରିବାରେ ବାର୍ହା ଉପଦ୍ରବ ନେଇ ସ୍ଥାନୀୟ ଅଞ୍ଚଳରେ ସଚେତନତା କରାଯାଉଛି। ବନ ବିଭାଗ ପକ୍ଷରୁ ୫ ଜଣିଆ ଟିମ୍‌କୁ ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ନିୟୋଜିତ ହୋଇଛନ୍ତି। ଚାଷୀଙ୍କ ସୁବିଧା ସକାଶେ ଜଙ୍ଗଲ ପାର୍ଶ୍ୱରେ ତାରବାଡ ତିଆରି କାର୍ଯ୍ୟ ଏବେ ଚାଲିଛି ବୋଲି ସେ କହିଛନ୍ତି।

## ରାତିକରେ ୬ ସ୍ଥାନରୁ ଚୋରି

ରସୁଲପୁର,୧୨।୧୧(ଡି.ଏନ.ଏ.):

ରସୁଲପୁର ବ୍ଲକ ବ୍ରହ୍ମବରଦା ଫାଣ୍ଡି ଅଧୀନ ବନ୍ଧଡ଼ିହ ପଞ୍ଚାୟତର ସାହାପଡ଼ା ଗ୍ରାମର ୬ ସ୍ଥାନରୁ ବୁଧବାର ରାତିରେ ଚୋରି ହୋଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସୁନା ଗହଣା, ମୋବାଇଲ, ସାଇକେଲ ଆଦି ରହିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।
ଚୋର ଗ୍ୟାଙ୍ଗ୍ ରାତି ପ୍ରାୟ ସାଢ଼େ ୧ଟାରେ ଏହି କାଣ୍ଡ ଘଟାଇଛନ୍ତି। ପଞ୍ଚାୟତ ଅଧୀନ ୱାର୍ଡ ନମ୍ବର-୧୦ର ରସାନନ୍ଦ ସାହୁଙ୍କ ଗଡ୍‌ରେଜରୁ ଏକ ସୁନା ଚେନ୍, ହଳେ କାନପେଣ୍ଡି, ୪ ମୁଦି, ୩ ବ୍ରେସ୍ ଲେଟ, ଏକ ଅଣ୍ଟା ବିଛା ଓ ହଳେ ପାଉଁଜିକୁ ମିଶାଇ ୨୦୦ଗ୍ରାମର ରୂପା ଅଳଙ୍କାର, ମୋବାଇଲ ଏବଂ ୨୦ହଜାର ଟଙ୍କା ଚୋରି ହୋଇଛି। ଲକ୍ଷ୍ମୀଧର ସାହୁଙ୍କ ଘରୁ ୧୫ କିଲୋ ପିତ୍ତଳ ବାସନ, ୫,୬୦୦ଟଙ୍କା, ୨ଟି ମୋବାଇଲ ଫୋନ, ମଦନ ବାରିକଙ୍କ ଘରୁ ୨ଟି ମୋବାଇଲ, ଚିନ୍ମୟ ସାହୁ ଓ ପ୍ରଭାକର ସାହୁଙ୍କ ଘରୁ ଗୋଟିଏ ଲେଖାଏ ମୋବାଇଲ, ଲଛମନ ଦାସଙ୍କ ଘରୁ ଗୋଟିଏ ହିରୋ ସାଇକେଲ ଚୋରି ହୋଇଛି। ଏହାକୁ ମିଶାଇ ଅଞ୍ଚଳରୁ ୨ ମାସ ଭିତରେ ଏକାଧିକ ସ୍ଥାନରୁ ଚୋରି ହୋଇଥିବା ଜଣାପଡ଼ିଛି। ସେପ୍ଟମ୍ବର ୫ରେ ବ୍ରହ୍ମବରଦା ବଜାରସ୍ଥ ମଙ୍ଗଳା ମାର୍କେଟ ମୋବାଇଲ ଦୋକାନରୁ ଚୋରି, ଗତ ୯ ତାରିଖରେ ସ୍ୱଷ୍ଟ ଦିବାଲୋକରେ ଅଙ୍ଗନୱାଡି କର୍ମୀଙ୍କ ସ୍କୁଟି ଡିକିରୁ ୪୯.୫ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିବା ଜଣାଯାଇଛି।

## ଇକୋରିଟ୍ରିଟ ସ୍ଥଳରେ ସମୀକ୍ଷା କଲେ ଜିଲାପାଳ, ବିଧାୟକ

ରାଜନଗର,୧୨।୧୧(ଡି.ଏନ.ଏ.)

ଭିତରକନିକାର ନଳିତାପାଟିଆଠାରେ ଆସନ୍ତା ଡିସେମ୍ବର ୮ରୁ ୨୦୨୧ ଫେବୃୟାରୀ ୨୮ ଯାଏ ଅନୁଷ୍ଠିତ ହେବାକୁ ଥିବା ଇକୋରିଟ୍ରିଟ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। ଇକୋରିଟ୍ରିଟସ୍ଥଳରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା, ପର୍ଯ୍ୟଟନ ବିଭାଗର ଡାଇରେକ୍ଟର ଯାଦବ, ଡିଏଫଓ ବିକାଶ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ସମୀକ୍ଷା କରିଛନ୍ତି। ଇକୋରିଟ୍ରିଟସ୍ଥଳକୁ ବିଦ୍ୟୁତ୍, ପାଣି, ରାସ୍ତା ଓ ସ୍ୱାସ୍ଥ୍ୟସେବା ସହିତ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଉଟସୋର୍ସିଂର ଦାୟିତ୍ୱ ନେଇଥିବା ସଂସ୍ଥା କଣ କାମ କରିଛି ଓ କାମର ଅଗ୍ରଗତି କିପରି ହୋଇଛି, ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବା ନେଇ ସମୀକ୍ଷା କରାଯାଇଛି। ଇକୋରିଟ୍ରିଟ ସ୍ଥଳରେ ୨୦ଟି ବିଳାସପୂର୍ଣ୍ଣ ଟେଣ୍ଟ ପଡିବ। ଏଥିରେ ରହିବାକୁ ପ୍ୟାକେଜରେ ପର୍ଯ୍ୟଟକମାନେ ଏଠାକୁ ଆସିବେ। ଏଥିପାଇଁ ବୁକିଂ ଆରମ୍ଭ ହୋଇସାରିଛି। ପର୍ଯ୍ୟଟକମାନେ କ୍ରୁଜ ଓ ଡଙ୍ଗାରେ ବୁଲିବା ସହ ଦିନରେ ଭିତରକନିକା, ଡାଙ୍ଗମାଳ, ମା'ପଞ୍ଚୁବରାହୀ ମନ୍ଦିର, ପେଣ୍ଠ ସମୁଦ୍ର କୂଳ, ଚାନ୍ଦବାଲିର କସ୍ତୁରୀକଣ, କନିକାରାଜବାଟୀ, ଆଳିରାଜବାଟୀ, ଆଳିର ବରାହୀ ମନ୍ଦିର, ହୁକିଟୋଲା, ବଡିଘର ଆଦି ବୁଲିବେ। ଦିନରେ ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିବା ସହ ଇକୋରିଟ୍ରିଟର କଟେଜରେ ରାତ୍ରିଯାପନ କରିବେ। ବୁଧବାର ମୁଖ୍ୟମନ୍ତ୍ରୀ ଇକୋରିଟ୍ରିଟର ଲୋଗୋ ଉନ୍ମୋଚନ ଓ ବୁକିଂର ଶୁଭାରମ୍ଭ କରିଥିଲେ।

## ବିଏସ୍‌ପି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ, ୧୨।୧୧(ଡି.ଏନ.ଏ.):
ଦଶରଥପୁର ବ୍ଲକ୍ ଦୁଦୁରାଅନ୍ତା ପଞ୍ଚାୟତ କୁଆଁରସାହିର କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପାଇଁ ଗୁରୁବାର ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୭ ତାରିଖରେ କୁଆଁରସାହିର ଦଳିତ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ କାର୍ତ୍ତିକ ଯେନା ମୃତ୍ୟୁବରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି, ପରିବାର ଭରଣପୋଷଣ ପାଇଁ ସରକାରୀ ସହାୟତା, ମୃତ୍ୟୁ ସହ ସଂଗ୍ରାମ କରୁଥିବା ବଂଶୀଧର ଯେନାଙ୍କୁ ଉନ୍ନତମାନର ଚିକିତ୍ସା, ଉଭୟ ପରିବାରର ପିଲାମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ ଆଦି ଦାବି ନେଇ ଦଳ ଜିଲାପାଳଙ୍କୁ ଭେଟିଥିଲା। ଦାବିପତ୍ର ପ୍ରଦାନ ବେଳେ ବିଏସ୍‌ପିର ଜିଲା ସଭାପତି ରମେଶ ଯେନା, କୃଷ୍ଣଚନ୍ଦ୍ର ଯେନା, ମହମ୍ମଦ ଅବଦୁଲ ରଫିକ, ମନୋଜ ଜେନା, ଭଗବାନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳ ଉଦ୍ୟାନ ପାଇଁ ତତ୍ପରତା

ରସୁଲପୁର,୧୨।୧୧(ଡି.ଏନ.ଏ.):

ରସୁଲପୁର ବ୍ଲକ୍ ଅଧୀନ ବଧକଇଁଚି ପଞ୍ଚାୟତର ମା'ହିଙ୍ଗୁଳା ଖେଳ ପଡ଼ିଆରେ ଗ୍ରାମାଞ୍ଚଳ ଉଦ୍ୟାନ ନିର୍ମାଣ ହେବ। ଏଥିପାଇଁ ଜମି ଚିହ୍ନଟ ହେବା ସହ ଭିତ୍ତିଭୂମିର ବିକାଶ ଓ ପରିସୀମା ନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହାର ସ୍ଥିତି ପରଖିବାକୁ ଗୁରୁବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ତାଙ୍କ ପରିଦର୍ଶନ ସମୟରେ ବିଡିଓ ଉମାକାନ୍ତ ପରିଡ଼ା, କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସତ୍ୟନାରାୟଣ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟଜିତ୍ ରାଉତ, ଗ୍ରାମ ରୋଜଗାର ସେବକ ଉଦୟନାଥ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ମିଶ୍ର ଉକ୍ତ ଉଦ୍ୟାନ ପାଇଁ ଉଦ୍ଦିଷ୍ଟ ଜମିର ନକ୍ସା ଦେଖିବା ସହ ନିକଟରେ ଯାଇଥିବା ଏକ ନାଳର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।


ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ସମିତିସଭ୍ୟଙ୍କୁ ଅଣଦେଖା ଅଭିଯୋଗ

ଚଣ୍ଡିଖୋଲ,୧୨।୧୧(ଡି.ଏନ.ଏ.):


ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି।

**ବଡ଼ଚଣା ପଞ୍ଚାୟତ ସମିତି ବୈଠକ**

ବଡ଼ଚଣା ପଞ୍ଚାୟତ ସିମିତ ବୈଠକ ଗୁରୁବାର ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କେତେଜଣ ସମିତିସଭ୍ୟ ଯୋଗଦେଇ ସେମାନଙ୍କୁ କୋଭିଡ୍ ପରିଚାଳନାରେ ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ବିଧାୟକ ଅମର ପ୍ରସାଦ ଶତପଥୀ ଅତିଥିଭାବେ ଯୋଗଦେଇ କୋଭିଡ୍-୧୯ ପରିଚାଳନାରେ ବଡ଼ଚଣାର ପ୍ରତ୍ୟେକ ପଞ୍ଚାୟତ ପ୍ରତିନିଧି, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି ଓ ଆଶା କର୍ମୀ ଯେଉଁଭଳି ଭାବରେ ପରିଶ୍ରମ କରିଛନ୍ତି ସେଥିପାଇଁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ତେବେ ଏଠାରେ ୬୮ ପଜିଟିଭ କେସ ବାହାରିଥିଲା ବେଳେ ଗୋଟିଏ ମୃତ୍ୟୁ ହୋଇ ନ ଥିରୁ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ବିଧାୟକ ପ୍ରଶଂସା କରିଥିଲେ। ଏମ୍‌ପି ସର୍ମିଷ୍ଠା ସେଠୀ ଯୋଗଦେଇ ସରପଞ୍ଚମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତ ବଡ଼ଚଣାର କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।
ମାଣ୍ଟୁକା ସମିତିସଭ୍ୟ କିଶୋର ଚନ୍ଦ୍ର ରାଉତ ଏମଜିଏନ୍‌ଆରଇଜିଏସ୍‌ରେ କୋଟିକୋଟି ଟଙ୍କା ଲୁଟ ହୋଇଥିବା ଅଭିଯୋଗ କରିଥିଲେ। ତେଣୁ ଏହାର ତଦନ୍ତ କରାଯିବାକୁ ସେ ଦାବି କରିଥିଲେ। ସମିତିସଭ୍ୟ ଅନନ୍ତ ଜେନା, ପ୍ରିତମ ନାୟକ, ସୁବାସ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ଦାସ ପ୍ରମୁଖ କୋଭିଡ୍-୧୯ ପରିଚାଳନାରେ ସମସ୍ତ ସଭ୍ୟମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ଏପରି କି ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ସେମାନଙ୍କୁ ସାମିଲ କରା ନ ଯିବା ନେଇ ସେମାନେ ବିଡିଓ ଅଜିତ ନରାୟଣ ଗିରିଙ୍କୁ ପ୍ରଶ୍ନ କରିବା ସହ କ୍ଷୋଭପ୍ରକାଶ କରିଥିଲେ। ଚାରିନଙ୍ଗଳ ସରପଞ୍ଚ ଯଦୁମଣି ଦାସ ପଞ୍ଚାୟତର କେତେକ କାର୍ଯ୍ୟ ତାଙ୍କ ଅଗୋଚରରେ ହେଉଥିବା ଅଭିଯୋଗ କରି ବୈଠକ ଆରମ୍ଭରୁ ଚୌକି ଛାଡ଼ି ତଳେ ବସି ପ୍ରତିବାଦ କରିଥିଲେ। ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ବିହାରୀ ଜେନା, ବିନୋଦିନୀ ସାହୁ, ସୁମତୀ ବାସ୍କେ ପ୍ରମୁଖ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ଫନିନ୍ଦ୍ରନାଥ ପଣ୍ଡା, ତାପସ ରାୟ, ଚାଟାଳିନ ସ୍ୱାଇଁ, ହରପ୍ରିୟା ବରାଳ, ମିନାକ୍ଷୀ ମିଶ୍ର, ସେକ ମୋନିନ ଅଲ୍ଲୀ, ଅନୀଲ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

**ମହିଳାଙ୍କୁ ଆକ୍ରମଣ : ଥାନାରେ ମାମଲା**

ତିର୍ତ୍ତୋଲ, (ଡି.ଏନ୍.ଏ.): ତିର୍ତ୍ତୋଲ ଥାନା କନକପୁର ଫାଣ୍ଡି ଅଧୀନ ବିରିତୋଳ ପଞ୍ଚାୟତର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାଙ୍କୁ ଉଲଗ୍ନ କରି ମରଣାନ୍ତକ ଆକ୍ରମଣ କରାଯିବା ସହ ଗାଁ ଛାଡି ଚାଲିଯିବାକୁ ଧମକ ଦିଆଯାଇଛି।ଏନେଇ ପୀଡିତା ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୪୦୮/୨୦) ରୁଜୁ କରାଯାଇଛି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ଏକ ରାଜନୈତିକ ରାଲିରେ ଆସିଥିବା କିଛି ଲୋକ ତାଙ୍କ ଘର ଆଗରେ ଆସି ପାଟିତୁଣ୍ଡ କରିବା ସହ ପୀଡିତାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏଥିସହ ତୁରନ୍ତ ଗାଁ ଛାଡି ଚାଲିଯିବାକୁ ଧମକ ଦେଇଛନ୍ତି।



## ସଂକ୍ଷେପରେ

### ଗହୀରମଥାରୁ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୨।୧୧(ଡି.ଏନ.ଏ.) ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ରାଜନଗର ବନ ବିଭାଗ ଏକ ଟ୍ରଲରକୁ ଜବତ କରିଛି। ଟ୍ରଲରରେ ଥିବା ୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସାମୁଦ୍ରିକ ଅଭୟାରଣ୍ୟର ମାଦଳୀ ମାଉଥ୍ ନିକଟରେ ବେଆଇନ ଭାବେ ପାରାଦୀପ ଅଞ୍ଚଳର ଜୟ ଶିବଶଙ୍କର ନାମକ ଟ୍ରଲର ମାଛ ମାରୁଥିଲା। ଟ୍ରଲରରେ ଥିବା ୮ଟି ମାଛଧରା ଜାଲ, ୧୨ କୁଇଣ୍ଟାଲ ମାଛ ଜବତ କରିଛି। ବନ ବିଭାଗ ପାଟ୍ରୋଲିଂ ପାଇଁ ବୋଟ ନ ଥିବାରୁ ପାଟ୍ରୋଲିଂ ବନ୍ଦ ଥିଲା। ୬ ତାରିଖରେ ଜବତ ଟ୍ରଲରରେ ଯାଇ ପାଟ୍ରୋଲିଂ କରିବା ଘଟଣାରେ ବନ ବିଭାଗର ଅଧିକାରୀମାନେ ବିବାଦୀୟ ହୋଇ ପଡିଥିଲେ। ମଙ୍ଗଳବାର ଗହୀରମଥା-୨ ସ୍ପିଡ ବୋଟ ସଜଡା ଯାଇ ପୂଜାର୍ଚ୍ଚନା କରାଯିବା ପରେ ବୁଧବାର ରାତିରେ ବନ ବିଭାଗ ପାଟ୍ରୋଲିଂ ଆରମ୍ଭ କରିଥିଲା।

### ପୋଖରୀରେ ବୁଡି ଶିଶୁ ମୃତ

ନାଉଗାଁ,୧୨।୧୧(ସ୍ୱ.ପ୍ର)-ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ ଅନ୍ତର୍ଗତ ଜଳେଶ୍ୱରପଡା ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ରାଜେନ୍ଦ୍ର କାଣ୍ଡି ଓ ରାଜଲକ୍ଷ୍ମୀଙ୍କ ପୁଅ ରୁଦ୍ର(୩)। ରୁଦ୍ର ଗାଁ ଦାଣ୍ଡରେ ଖେଳୁଥିବା ବେଳେ ହଠାତ୍ ପୋଖରୀରେ ବୁଡ଼ିଯାଇଥିଲେ। କିଛି ସମୟ ପରେ ମା'ରାଜଲକ୍ଷ୍ମୀ ପୁଅକୁ ନ ପାଇ ଶେଷରେ ପୋଖରୀରେ ଖୋଜାଖୋଜି କରିଥିଲେ। ପୋଖରୀରୁ ପୁଅକୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରୁଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନାଉଗାଁ ଥାନା ଅଧିକାରୀ ଭରତ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୨୦)ରୁଜୁ ହୋଇଛି।

### ୨ କୋଟି ବ୍ୟୟରେ ପାଇକା ବନ୍ୟାରୁ ମିଳିବ ମୁକ୍ତି

କେନ୍ଦ୍ରାପଡା ଅଫିସ, ୧୨।୧୧: ପାଇକା ନଦୀ ଘେରରେ ଥିବା କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକର ମଙ୍ଗରାଜପୁର ପଞ୍ଚାୟତ ଦୁଇ ୱାର୍ଡ଼ ଓ ବଟିରା ପଞ୍ଚାୟତର ଗୋଟିଏ ୱାର୍ଡ଼ର ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରତିବର୍ଷ ବନ୍ୟାରେ ପ୍ରଭାବିତ ହେଉଛନ୍ତି। ମାତ୍ର ଦୁଇ କୋଟି ଟଙ୍କା ବ୍ୟୟରେ ୩ ଗ୍ରାମର ଆପ୍ରୋଚ ରୋଡର ସୁଦୃଢ଼ୀକରଣ ସହ ଗ୍ରାମ ରାସ୍ତା ବିକଶିତ ହେଲେ ଏହାର ସମାଧାନ ହୋଇପାରିବ। ଏ ସମ୍ପର୍କରେ ସ୍ଥାନୀୟ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ ଦାବିପତ୍ର ଗୁରୁବାର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଜିଲା ପରିଷଦ ସଭ୍ୟ ସାମଲ ଉଲ୍ଲେଖ କରିଛନ୍ତି ଯେ, ନଦୀରେ ଯେତେ ଛୋଟ ଧରଣର ବନ୍ୟା ଆସିଲେ ମଧ ସ୍ଥାନୀୟ ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ଏହି ସମୟରେ ଜରୁରୀ ଯାତାୟାତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୩ଟି ଡଙ୍ଗା ବ୍ୟବସ୍ଥା ହୋଇଥାଏ। ଗୋଟିଏ ସରଳ ରେଖାରେ ଥିବା ୱାର୍ଡ଼ ୩ଟିକୁ ଦୁଇପାର୍ଶ୍ୱରେ ୨ଟି ଆପୋଚ ରୋଡ଼ ପାଇକା ନଦୀବନ୍ଧ ରାସ୍ତା ସହିତ ସଂଯୁକ୍ତ କରୁଛି। ସଂଯୋଗୀ ରାସ୍ତା ମଧ୍ୟରୁ ଗୋଟିଏ ଦଶମାଣକୂଳ ପାର୍ଶ୍ୱରେ ହୋଇଥିବା ବେଳେ ଅନ୍ୟଟି ଉପରବଟିରା ପାର୍ଶ୍ୱରେ। ବନ୍ୟା ଆସିଲେ ଏହି ଆପ୍ରୋଚ ରୋଡ଼ ଦୁଇଟି ବୁଡ଼ିଯିବା ଫଳରେ ଲୋକେ ଜଳବନ୍ଦୀ ହୋଇପଡନ୍ତି। ଆପ୍ରୋଚ ରାସ୍ତାରେ ଦୁଇଟି ବ୍ରିଜ୍ ନିର୍ମାଣ କରିବା ଆବଶ୍ୟକ।

### ଘରେ ପଶି ଲୁଟ୍

ଖଣ୍ଡପଡ଼ା,୧୨।୧୧(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ଗୁଣ୍ଡୁଣି ପଞ୍ଚାୟତ ଅଁଳାମଡା ଗ୍ରାମର ବିକ୍ରମ କେଶରୀ ରାଉତରାୟଙ୍କ ଘରେ ବୁଧବାର ରାତିରେ କେହି ଦୁର୍ବୃତ୍ତ ପଶି ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି। ଏ ନେଇ ବିକ୍ରମ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ। ଲୁଟେରାମାନେ ଲୁହା ଗ୍ରୀଲରେ ପଡିଥିବା ତାଲା ଭାଙ୍ଗି ଘରେ ପ୍ରବେଶ କରିବା ପରେ ଲୁହା ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟିନେଇଥିବା ଗୃହକର୍ତ୍ତା ଅଭିଯୋଗରେ ଦର୍ଶାଇଛନ୍ତି।

# ‘ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ହେବ’

## ବାଲେଶ୍ୱର, ତିର୍ତ୍ତୋଲ ଭୋଟର, କର୍ମୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ନିକଟରେ ଶେଷ ହୋଇଥିବା ଦୁଇ ବିଧାନସଭା ଆସନ ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନରେ ବିଜେଡି ବାଜିମାତ କରିଛି। ଏହି ଉପନିର୍ବାଚନ ପରେ ଗୁରୁବାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭିଡିଓ କନରେନ୍ସ ଜରିଆରେ ଉଭୟ ଆସନର କର୍ମୀ ଏବଂ ପର୍ଯ୍ୟବେକ୍ଷକଙ୍କ ସହିତ ଆଲୋଚନା କରିଛନ୍ତି। ତିର୍ତ୍ତୋଲ ଓ ବାଲେଶ୍ୱର ଆସନର ବିଜେଡି ପ୍ରାର୍ଥୀଙ୍କୁ ଜନସାଧାରଣ ବିପୁଳ ଭୋଟ ଦେଇ ବିଜୟୀ କରିଥିବାରୁ ମୁଖ୍ୟମନ୍ତ୍ରୀ ନିର୍ବାଚନମଣ୍ଡଳୀ ଲୋକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉପନିର୍ବାଚନରେ ବିଜେଡିର ବିଜୟ ହେଉଛି ଜନସାଧାରଣଙ୍କ ସଫଳତା। ଫଳାଫଳର ପୂରା ଶ୍ରେୟ ସେ ଜନସାଧାରଣ, ଦଳର କର୍ମୀ, ପର୍ଯ୍ୟବେକ୍ଷକ ଓ ନେତାମାନଙ୍କୁ ଦେଇଛନ୍ତି। ଏହାସହ ଭୋଟ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯିବ ବୋଲି ସେ କହିଛନ୍ତି।

ନବୀନ କହିଛନ୍ତି, କୋଭିଡ୍ ସମୟରେ ପ୍ରଚାର ଏତେ ସହଜ ନ ଥିଲା। ଅସୁବିଧା ଭିତରେ ଦଳର କର୍ମୀମାନେ କଠିନ ପରିଶ୍ରମ ସହ କୋଭିଡ୍ ନିୟମ ମାନି ପ୍ରଚାର କରି ଦଳ ଲାଗି ବିଜୟ ଆଣିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। କୋଭିଡ ସମୟରେ ଭୋଟର ଯେପରି ଭୋଟ କେନ୍ଦ୍ରକୁ ଆସି ବିଜେଡି ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିଛନ୍ତି ସେଥିପାଇଁ ସମସ୍ତଙ୍କୁ କୃତଜ୍ଞତା। କଥା ନୁହେଁ ସବୁବେଳେ ସେ କାମରେ ବିଶ୍ୱାସ କରିଆସିଛନ୍ତି। ନିର୍ବାଚନ ସମୟରେ ଦଳ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବା ଲାଗି ନିଷ୍ଠାପର ଉଦ୍ୟମ କରାଯିବ। ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ବଜାୟ ରଖିବା ପାଇଁ ଉପନିର୍ବାଚନ ଆସନର ୱାର୍ଡ ଓ ପଞ୍ଚାୟତ ଦାୟିତ୍ୱରେ ରହିଥିବା ପର୍ଯ୍ୟବେକ୍ଷକମାନଙ୍କୁ ସେ ଆହ୍ୱାନ କରିଛନ୍ତି। ସବୁ ପର୍ଯ୍ୟବେକ୍ଷକ ଓ ନେତାମାନେ ଯେଉଁ ପଞ୍ଚାୟତ ବା ୱାର୍ଡରେ ରହିଥିଲେ ସେଠାକାର ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଯାଇ ଧନ୍ୟବାଦ ଜଣାନ୍ତୁ। ଅନ୍ୟପଟେ ନିଜ ଦାୟିତ୍ୱରେ ରହିଥିବା ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ବୁଝିବା ସହିତ ଲୋକଙ୍କ ଆବଶ୍ୟକତା ବିଷୟରେ ରିପୋର୍ଟ ପ୍ରସ୍ତୁତ କରି ତାଙ୍କୁ ଜଣାଇବେ।

ମୁଖ୍ୟମନ୍ତ୍ରୀ ତିର୍ତ୍ତୋଲ ଓ ବାଲେଶ୍ୱରର ନବନିର୍ବାଚିତ ବିଧାୟକ ବିଜୟ ଶଙ୍କର ଦାସ ଏବଂ ସ୍ୱରୂପ ଦାସଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଅଞ୍ଚଳର ବିକାଶ ସହିତ ଲୋକଙ୍କ ସେବା ଜାରି ରଖିବା ଲାଗି କହିଛନ୍ତି। ଏହି ଅବସରରେ ନବନିର୍ବାଚିତ ବିଧାୟକଙ୍କ ସମେତ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ପ୍ରତାପ ଦେବ, ଦେବାଶିଷ ସାମନ୍ତରାୟ ଏବଂ ଦଳର ଅନ୍ୟ କର୍ମକର୍ତ୍ତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

# ଜମିର ସାର୍ଟିଫାଏଡ୍ ନକଲ କପି ନ ମିଳିବାରୁ ବୃଦ୍ଧଙ୍କ ଅନଶନ



ତହସିଲ ଅଫିସ ସମ୍ମୁଖରେ ବ୍ରହ୍ମାନନ୍ଦଙ୍କ ସହ ଅନ୍ୟମାନେ ଅନଶନରେ ବସିଛନ୍ତି।

ନାଉଗାଁ,୧୨।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ବଛାଲୋ ପଞ୍ଚାୟତ ଅନ୍ତର୍ଗତ ବଛାଲୋ ଗ୍ରାମର ବ୍ରହ୍ମାନନ୍ଦ ଲେଙ୍କା(୯୦)ଙ୍କୁ ଜମିର ସାର୍ଟିଫାଏଡ୍ ନକଲ କପି ମିଳିନାହିଁ। ସୂଚନା ଅଧିକାର ଆଇନ୍‌ବଳରେ ଏହି କପିକୁ ମଗାଯାଇଥିଲା। ମାତ୍ର ଏହା ନ ମିଳିବାରୁ ବ୍ରହ୍ମାନନ୍ଦ ଗୁରୁବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ୧୫ ଜୁଲାଇ ୨୦୧୯ରେ ସେ ଏକ ଜମି କିଣିଥିଲେ। ଏହାପୂର୍ବରୁ ସେ ତହସିଲ କାର୍ଯ୍ୟାଳୟରୁ ସାର୍ଟିଫାଏଡ୍ ନକଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ଇସି ବାହାର କରିଥିଲେ। ଉକ୍ତ ଜମିରେ ୩ ଜଣ ଅଂଶୀଦାର ଥିବା ଦର୍ଶାଯାଇଥିଲା। ଜମି କ୍ରୟ ପରେ ବ୍ରହ୍ମାନନ୍ଦ ମ୍ୟୁଟେଶନ୍ ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିବାବେଳେ ଜମି ଜଣଙ୍କ ମାଲିକାନାରେ ଥିବା ଜଣାପଡ଼ିଥିଲା। ଏନେଇ ସେ ସୂଚନା ଅଧିକାର ଆଇନ୍ ବଳରେ ଜମି କ୍ରୟର ସମସ୍ତ ବିବରଣୀ ମଗାଇଥିଲେ। ମାତ୍ର ଉକ୍ତ ଜମି ସମ୍ପର୍କିତ କୌଣସି ତଥ୍ୟ ତହସିଲ କାର୍ଯ୍ୟାଳୟରୁ ପ୍ରଦାନ କରାଯାଇ ନ ଥିଲା। ଏହାପରେ ସେ ଲିଖିତ ଭାବେ ତହସିଲଦାର, ଜିଲାପାଳ,କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଦୁର୍ନୀତି ନିବାରଣ ଅଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ୧୮ ଫେବୃୟାରୀ ୨୦୨୦ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି ନଂ.୮୩୩୭ ଯୋଗେ ସମସ୍ୟାର ସମାଧାନ କରିବାକୁ ଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସମାଧାନ ନ ହେବାରୁ ସେ ଅନଶନରେ ବସିଥିଲେ। ତାଙ୍କୁ ସମର୍ଥନ ଜଣାଇ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ନବକିଶୋର ମହାନ୍ତି, ବଂଶୀଧର ବେହେରା ପ୍ରମୁଖ ଅନଶନରେ ସାମିଲ ହୋଇଥିଲେ। ଖବରପାଇ ତହସିଲଦାର ଜେ.କଳ୍ପନା, ଥାନା ଅଧିକାରୀ ଭରତଚନ୍ଦ୍ର ବେହେରା ପହଞ୍ଚି ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ



ବାଲିଘାଟ ନିକଟରେ ତଦନ୍ତକାରୀ ଟିମ୍।

## ଯାବରା ବାଲି ଘାଟ ବିବାଦ

ରସୁଲପୁର,୧୨।୧୧(ଡି.ଏନ.ଏ.):

ରସୁଲପୁର ତହସିଲ ଅଧୀନ ଯାବରା ବାଲି ଘାଟରୁ ବାଲି ଉତ୍ତୋଳନକୁ ନେଇ ବିବାଦ ଦେଖାଦେଇଥିଲା। ଉକ୍ତ ବିବାଦ କ୍ରମଶଃ ହାଇକୋର୍ଟଙ୍କ ପର୍ଯ୍ୟନ୍ତ ଯାଇଥିଲା। ହାଇକୋର୍ଟ ଏହାର ବିଚାର କରି ତଦନ୍ତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଗତ ବୁଧବାର ଏହାର ତଦନ୍ତ ଆରମ୍ଭ ହୋଇଛି। ଏକ ତଦନ୍ତକାରୀ ଦଳ ବାଲିଘାଟ ନିକଟରେ ପହଞ୍ଚି ତଦନ୍ତ କରି ଫେରିଛି। ତଦନ୍ତ ରିପୋର୍ଟ ଯାଜପୁର ଜିଲାପାଳଙ୍କ ଜରିଆରେ କୋର୍ଟଙ୍କ ନିକଟରେ ଉପସ୍ଥାପନ କରାଯିବ।
ପ୍ରକାଶଯୋଗ୍ୟ, ଯାବରା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଥିଲା। ପରେ ଏହିଘାଟକୁ ନିଲାମ ଦିଆଯାଇଥିଲା। ଘାଟ ନିକଟରୁ ଗ୍ରାମର କେତେଜଣ ଲୋକ ବେଆଇନ ବାଲି ଚାଲାଣ କରିଥିଲେ। ଏହାକୁ ନେଇ ଉଭୟ ନିଲାମଧାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଲିଜଧାରୀ ଲିଜ୍ ଅଞ୍ଚଳରୁ ବାଲି ନ ଉଠାଇ ଯାବରା ପୋଲ ନିକଟରୁ ବାଲି ଉତ୍ତୋଳନ କରୁଥିବା ତହସିଲ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ତହସିଲ ପକ୍ଷରୁ ବେଆଇନ ବାଲି ଉଠାଣ ଉପରେ ରୋକ ଲଗାଇବା ପାଇଁ ପଦକ୍ଷେପ ନିଆଯାଇଥିଲା। ଏପରି କି ବାଲି ପରିବହନକୁ ନେଇ ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ପୋଲିସ, ତହସିଲ ପ୍ରଶାସନକୁ ଦୁର୍ବ୍ୟବହାର କରିବା ଓ ଗଣ୍ଡଗୋଳ ସୃଷ୍ଟି କରୁଥିବା ଅଭିଯୋଗରେ କେତେଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଏହି ବିବାଦ କ୍ରମଶଃ ଜଟିଳ ହେବାରୁ ଗ୍ରାମବାସୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଯାଜପୁର ଉପଜିଲାପାଳ ନାରାୟଣଚନ୍ଦ୍ର ଧଳଙ୍କ ନେତୃତ୍ୱରେ ଖଣି ଉପନିର୍ଦ୍ଦେଶକ ଉମ୍ବରୁଧର ମହାନ୍ତି, ଭୂତତ୍ତ୍ୱବିତ୍ ସନ୍ତୋଷୀ ସେଠୀ, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ତହସିଲ ମୁଖ୍ୟକିରାଣି ଗଗନ ବିହାରୀ ଦାସ, ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ତଦନ୍ତକାରୀ ଦଳ ବାଲିଘାଟ ନକ୍ସାକୁ ନିରୀକ୍ଷଣ କରିଥିଲେ। ସେମାନେ କ'ଣ ସ୍ଥିତି ଦେଖିଲେ ତାର' ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ତହସିଲଦାର ଭୁଜବଳ କହିଛନ୍ତି।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ରାଜନଗର,୧୨।୧୧(ଡି.ଏନ.ଏ.)

ରାଜନଗର ଥାନା ଈଶ୍ୱରପୁର ଗାଁରେ ଜନୈକା ବଧୂଙ୍କୁ ତାଙ୍କ ଶାଶୁଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମହୁଲିଆ ଗାଁର ଶୁକଦେବ ପଢିହାରୀଙ୍କ ଝିଅ କବିତା ୫ ବର୍ଷ ତଳେ ବୈଦିକ ରୀତିରେ ଈଶ୍ୱରପୁର ଗାଁର କୃଷ୍ଣଚନ୍ଦ୍ର ପଲାଇଙ୍କ ପୁଅ କାଜଲଙ୍କୁ ବିବାହ କରିଥିଲେ। ବିବାହ ସମୟରେ ନଗଦ ୫୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଓ ଆସବାବପତ୍ର ଯୌତୁକ ଆକାରରେ ଦିଆଯାଇଥିଲା। ପରେ ଅଧିକ ଯୌତୁକ ପାଇଁ ସ୍ୱାମୀ, ଶ୍ୱଶୁରଙ୍କ ସମେତ ଶାଶୁ ଓ ଦିଅର ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ବହୁବାର ଭଦ୍ରଲୋକଙ୍କ ମାଧ୍ୟମରେ ଘଟଣାର ସମାଧାନ ହୋଇଛି। ଏପରି କି ୮ ଦିନ ତଳେ ରାଜନଗର ପୋଲିସ ପହଞ୍ଚି ସମାଧାନ କରିଥିଲା। ବୁଧବାର ଶାଶୁଘର ଲୋକେ ମିଳିମିଶି ତାଙ୍କ ଝିଅଙ୍କୁ ମାରି ଦେଇଥିବା ନେଇ ମାଆ ଜାନକୀ ଥନାରେ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ତାଙ୍କ ଜ୍ୱାଇଁ ତାଙ୍କ ପୁଅଙ୍କୁ ଫୋନ କରି କବିତା ଦଉଡି ଲଗାଇ ଦେଇଛନ୍ତି। ଆମେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛୁ, ଆସିବାକୁ କହିଥିଲେ। ଆମେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ବେଳକୁ କାହାରିକୁ ପାଇ ନ ଥିଲୁ। ଫୋନ କରିବାରୁ ସେମାନେ କଟକ ବଡ଼ମେଡିକାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିବା କହିଥିଲେ। ଆମେ ସେଠାରେ ପହଞ୍ଚି ଦେଖିଲା ବେଳକୁ ଝିଅ ମରି ପଡିଛି। ଶାଶୁଘର ଲୋକେ ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି କବିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।

# ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଅସନ୍ତୋଷ

## ସରକାରଙ୍କ ବିଦ୍ୟାଳୟ ମିଶ୍ରଣ

ଡେରାବିଶ, ୧୨।୧୧(ସ୍ୱ.ପ୍ର.)

ଡେରାବିଶ ଶିକ୍ଷା ସର୍କଲରେ ସରକାରଙ୍କ ବିଦ୍ୟାଳୟ ମିଶ୍ରଣ ଯୋଜନାରେ ୩୨ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଯାଉଛି। ୨୦ରୁ କମ୍ ଛାତ୍ରୀଛାତ୍ର ରହିଥିବା ପ୍ରାଥମିକ ବିଦ୍ୟାଳୟ, ୪୦ରୁ କମ୍ ଛାତ୍ରୀଛାତ୍ର ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ବିଭାଗ ବ୍ୟବସ୍ଥା ଅନୁଯାୟୀ ଅଧିକ ପିଲା ଥିବା ବିଦ୍ୟାଳୟରେ ମିଶ୍ରଣ ହେବ। ଏହିକ୍ରମରେ ୩୨ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଜିଲା ଶିକ୍ଷାଧିକାରୀଙ୍କ ପତ୍ର ପହଞ୍ଚି ସାରିଛି। ଏ ନେଇ ବ୍ଲକ ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସମେତ ଶିକ୍ଷାବିତ୍‌ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଅଧୀନ ୨୬ ଗୋଟି ପଞ୍ଚାୟତରେ ୨୨୦ରୁ ଅଧିକ ବିଦ୍ୟାଳୟ ରହିଛି। ବନ୍ଦ ହେବାକୁ ଯାଉଥିବା ବିଦ୍ୟାଳୟରେ ଥିବା ଶିକ୍ଷକମାନେ ମିଶ୍ରଣ ହେଉଥିବା ବିଦ୍ୟାଳୟରେ ନିଯୁକ୍ତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁବୋଧ କୁମାର ପରିଡାଙ୍କୁ ପଚାରିବାରେ ସରକାରଙ୍କର ଏଭଳି ଶିକ୍ଷାନୀତି ଶିକ୍ଷା ବ୍ୟବସ୍ଥା ଉପରେ ବହୁମାତ୍ରାରେ ଖରାପ ପ୍ରଭାବ ପକାଇବ। ପ୍ରଥମେ ଯେଉଁ ବିଦ୍ୟାଳୟଗୁଡିକରେ ୨୦ରୁ କମ୍ ଛାତ୍ରୀଛାତ୍ର ରହିଛନ୍ତି ସେହି ବିଦ୍ୟାଳୟକୁ ବନ୍ଦ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା। ପରେ ୪୦ରୁ କମ୍ ଥିବା ବିଦ୍ୟାଳୟଗୁଡିକୁ ବନ୍ଦ ନିଷ୍ପତ୍ତି ଦ୍ୱାରା ଶିକ୍ଷକମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏତେ ପରିମାଣର ସ୍କୁଲ ବନ୍ଦ କରିବା ନିଷ୍ପତ୍ତିକୁ ପୁନଃ ବିଚାର କରିବାକୁ ପରିଡ଼ା ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନରହରି ସୂତାରଙ୍କୁ ପଚାରିବାରେ ବିଭାଗୀୟ ନିର୍ଦ୍ଦେଶନାମାକୁ ବନ୍ଦ ହେବାକୁ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ପଠାଇ ଦିଆଯାଇଛି। ଯେଉଁ ବିଦ୍ୟାଳୟରେ କମ୍ ସଂଖ୍ୟକ ପିଲା ଅଛନ୍ତି ସେହି ବିଦ୍ୟାଳୟଗୁଡିକ ବନ୍ଦ କରିବା ନେଇ ବିଭାଗୀୟ ନିର୍ଦ୍ଦେଶନାମା ରହିଛି ବୋଲି ସେ କହିଛନ୍ତି।

# ପିଇବାକୁ ମିଳୁନି, ଜମିରେ ମଡ଼ାଯାଉଛି ପାଣି

ଖଣ୍ଡପଡ଼ା,୧୨।୧୧(ସ୍ୱ.ପ୍ର.)

ଏକମାସରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରକଳ୍ପର ମୋଟରଟି ପୋଡି ଯାଇଥିବାରୁ ଖଣ୍ଡପଡ଼ା ବ୍ଲକ ଗଡିଆସାହି ପଞ୍ଚାୟତର ସରପୋଖରୀ, କୁଞ୍ଜବେଲି ଓ ରାକେଶିଆ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ଥିଲେ। ଅଭିଯୋଗ ପରେ ନୂତନ ମୋଟର ସହ ଆବଶ୍ୟକ ଯନ୍ତ୍ରାଂଶ ଲାଗିବାରୁ ମଙ୍ଗଳବାର ଜଳ ଯୋଗାଣ ସ୍ୱାଭାବିକ ହୋଇଛି। ତେବେ କୁଞ୍ଜବେଲି ଓ ରାକେଶିଆ ଗ୍ରାମବାସୀ ଆବଶ୍ୟକ ଜଳ ପାଉଥିବା ବେଳେ ସରପୋଖରୀ ଗ୍ରାମବାସୀ ଏଥିରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କେତେକ ବ୍ୟକ୍ତି ପାଇପ୍ କଣାକରି ଘରକୁ ସଂଯୋଗ ନେଇଥିବାବେଳେ ଆଉ କେତେଜଣ ମୋଟର ପମ୍ପ ଲଗାଇ ପାଣି ସଂଗ୍ରହ କରୁଛନ୍ତି। ପୁଣି ଅଧିକାଂଶ ଲୋକ ଷ୍ଟାଣ୍ଡପୋଷ୍ଟରେ ପାଇପ୍ ଲଗାଇ ଜମିକୁ ପାଣି ମଡ଼ାଉଛନ୍ତି। ଏଥିଯୋଗୁ ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ଷ୍ଟାଣ୍ଡପୋଷ୍ଟରେ ଜଳ ଉପଲବ୍ଧ ହେଉନାହିଁ। ଏ ସମ୍ପର୍କରେ ଗଡିଆସାହି ସରପଞ୍ଚ ବିପିନ କୁମାର ସାମଲ କହନ୍ତି, ଗ୍ରାମବାସୀଙ୍କୁ ବେଆଇନ ସଂଯୋଗ ନେଇଥିବା ବ୍ୟକ୍ତିଙ୍କୁ ତାଗିଦ କରିବା ସହ ଜମିକୁ ପାଣି ମଡାଉଥିବା ଲୋକଙ୍କ ବିରୋଧରେ ସମୂହ ଅଭିଯୋଗ କରିବାକୁ କୁହାଯାଇଛି। ଅଭିଯୋଗ ଆସିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଥାନାରେ ଅଭିଯୋଗ କଲେ ଗ୍ରାମବାସୀ

## ଉଜାଡି ଦିଆଯାଉଛି ଗ୍ରାମ ଜଙ୍ଗଲ

ପାରାଦୀପ,୧୨।୧୧(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନିହାରୁଣୀକନ୍ଧା ଗ୍ରାମ ନିକଟ ଗ୍ରାମ୍ୟ ଜଙ୍ଗଲକୁ କେତେଜଣ ଦୁର୍ବୃତ୍ତ ଉଜାଡି ଦେଇଛନ୍ତି। ଏନେଇ ନିହାରୁଣୀକନ୍ଧା ଗ୍ରାମ୍ୟକମିଟି ସଭାପତି ସୁରେନ୍ଦ୍ର ମହାନ୍ତିଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଗ୍ରାମ ସଂଲଗ୍ନରେ ଥିବା ଜଙ୍ଗଲକିସମର ଜମିକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀଙ୍କ ପକ୍ଷରୁ ସେଠାରେ ତାରବାଡ ଘେରାଇ ଗଛ ଲଗାଇଛନ୍ତି। ଅଗଷ୍ଟ ୧୨ ରେ କୁଜଙ୍ଗ ତହସିଲଦାର, ଲକଥାନା ପୋଲିସ ଉପସ୍ଥିତିରେ ଉକ୍ତ ଜମି ମାପଚୁପ କରି ସୀମା ନିର୍ଦ୍ଧାରଣ କରାଯାଇଛି। ଏହାସତ୍ତ୍ୱେ ବୁଧବାର ରାତିରେ ପ୍ରାୟ ୧୦ ରୁ ୧୫ ଜଣ ଲୋକ ଆସି ତାରବାଡ ଭାଙ୍ଗିଦେବା ସହ ଗଛଗୁଡିକୁ ଉପାଡି ନଷ୍ଟ କରିଦେଇଛନ୍ତି। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ମାତ୍ର ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।



# ଲୋକଙ୍କୁ ଆକର୍ଷିତ କରୁଛି ପାର୍କ



ତିଲଙ୍ଗଠାରେ ନିର୍ମାଣ କରାଯାଇଥିବା ପାର୍କ।

ଡେରାବିଶ, ୧୨।୧୧(ସ୍ୱ.ପ୍ର.)

ସହରାଞ୍ଚଳର ଲୋକେ ଚିତ୍ତ ବିନୋଦନ ଓ ବ୍ୟାୟାମ ଲାଗି ପାର୍କକୁ ବାଛି ନେଇଛନ୍ତି। ହେଲେ ଗାଁ ଗହଳିରେ ଆଗ ଭଳି ଆଉ ତୋଟା ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ତିଲଙ୍ଗଠାରେ ନିର୍ମିତ ପାର୍କ ଲୋକଙ୍କୁ ଆକର୍ଷିତ କରୁଛି। ଏହା ଅନ୍ୟ ପଞ୍ଚାୟତ ଓ ଜିଲା ପାଇଁ ଉଦାହରଣ ସୃଷ୍ଟି କରିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାର୍କଟି ପାଲଟିଛି। ଗ୍ରାମର ଥିବା ମା' ପିଙ୍ଗଳେଶ୍ୱରୀ ଠାକୁରାଣୀଙ୍କ ପୀଠ ନିକଟରେ ନିର୍ମିତ ପାର୍କର ଲମ୍ବ ୧୨୦ ଫୁଟ ହୋଇଥିବା ବେଳେ ପ୍ରସ୍ଥ ୧୦୦ ଫୁଟ ରହିଛି। ପାର୍କରେ ପିଲାଙ୍କ ଆକର୍ଷଣ ପାଇଁ ଫାଇବର ଜିରାଫ, ହରିଣ, ବାଘର ମୂର୍ତ୍ତି ରହିଛି। ଏହାସହ ଏଠାରେ ନିର୍ମିତ ହୋଇଥିବା ଦୋଳି, ଖସଡାରେ ପିଲାମାନେ ଖେଳୁଛନ୍ତି। ସେହିଭଳି ବୟସ୍କ ଓ ଅବସରପ୍ରାପ୍ତ କର୍ମଚାରୀମାନେ ପାର୍କକୁ ଆସି ସମୟ ବିତାଉଛନ୍ତି। ଗ୍ରାମାଞ୍ଚଳରେ ଏଭଳି ପାର୍କ ନିର୍ମାଣର ଉଦ୍ଦେଶ୍ୟ ସମ୍ପର୍କରେ ନରସିଂହପୁର ସରପଞ୍ଚ କମଳାପ୍ରଭା ଖଟୁଆଙ୍କୁ ପଚାରିବାରେ, ଗାଁରେ ଥିବା ମା' ପିଙ୍ଗଳେଶ୍ୱରୀଙ୍କ ପୀଠକୁ ଡେରାବିଶ ସମେତ କଟକ ଜିଲା ମାହାଙ୍ଗା ବ୍ଲକ ଅଞ୍ଚଳର ଲୋକେ ଆସିଥାନ୍ତି। ଏଭଳି ଏକ ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ପାର୍କ ନିର୍ମାଣ କରିବାକୁ ତାଙ୍କର ବହୁଦିନର ସ୍ୱପ୍ନ ଥିଲା। ପାର୍କ ନିର୍ମାଣ ପାଇଁ ପଞ୍ଚାୟତରେ ଥିବା ଅନୁଦାନରୁ ୧୦ ଲକ୍ଷ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନାରୁ ୧୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଏହି ପାର୍କ ନିର୍ମାଣ ପାଇଁ ଜିଲାପାଳ ସମର୍ଥ ବର୍ମା ଓ ବିଡିଓ ଗୋପବନ୍ଧୁ ଭୋସାଗର ପ୍ରେରଣା ଦେଇଥିଲେ। ତେବେ ପାର୍କଟି ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ହୋଇ ସାରିଛି। ଏଥିରେ କରାଯାଇଥିବା କୃତ୍ରିମ ଝରଣା ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଏ ଅଞ୍ଚଳର ଶୋଭା ବର୍ଦ୍ଧନ କରୁଛି ବୋଲି ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ଖଟୁଆ କହିଛନ୍ତି।

